**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**24 May – 2025**

## ମୁଖ୍ୟମନ୍ତ୍ରୀ-ଦିଲ୍ଲୀ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ନୀତି ଆୟୋଗର ଦଶମ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହେବ । ବୈଠକରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଯୋଗଦେବେ । ବୈଠକରେ ବିକଶିତ ରାଜ୍ୟ ପାଇଁ ବିକଶିତ ଭାରତ ଉପରେ ଆଲୋଚନା ହେବା ସହିତ ଏକ କାର୍ଯ୍ୟଖସଡା ପ୍ରସ୍ତୁତ କରାଯିବା ବୋଲି ଜଣାପଡିଛି । ଚାରିଦିନିଆ ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ଗସ୍ତ ଶେଷ କରି ଆସନ୍ତା ସୋମବାର ଓଡିଶା ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି ।

## ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଭୁବନେଶ୍ୱର ଲୋକସେବା ଭବନରେ ଭୁବନେଶ୍ୱର-କଟକ ଟୁଇନ୍ ସିଟିରେ କାର୍ଯ୍ୟକାରୀ ହେଉଥିବା ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବୈଠକରେ ଭୁବନେଶ୍ୱରର ସମନ୍ୱିତ ବିକାଶ ଯୋଜନା ସହ ଟ୍ରାଫିକ ଭିଡ ହ୍ରାସ ସମ୍ପର୍କରେ ଆଲୋଚନା ହୋଇଛି । ଏହି ବିକାଶ ଯୋଜନାରେ ବିସ୍ଥାପିତ ହେବାକୁ ଥିବା ପ୍ରାୟ ୩୬୬ଟି ପରିବାରକୁ ଥଇଥାନ କରାଯିବା ସହ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

ପୁରୀରେ ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ଶ୍ରୀମନ୍ଦିରର ୭୫ମିଟର ପରିଧି ଭିତରେ ଆସୁଥିବା ୧୯ଟି ମଠକୁ ଭାଙ୍ଗି ଦିଆଯାଇଥିଲା । ସେହି ଭଗ୍ନ ମଠଗୁଡିକୁ ନୂଆ ପରିଚୟ ଦେବା ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ମନ୍ତ୍ରୀ କହିଛନ୍ତି, ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଗୋଟିଏ ସ୍ଥାନରେ ସମସ୍ତ ୧୯ଟି ମଠର ପୁର୍ନନିର୍ମାଣ କରାଯିବ -

**V/O**

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ର ୧୨୨ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱ୍ୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ ।

# ରଥଯାତ୍ରା ପାଇଁ ସମୀକ୍ଷା ବୈଠକ

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାର ଶାନ୍ତିଶୃଙ୍ଖଳାର ସହ ସମାପନ  ପାଇଁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଖାରବେଳ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ରଥଯାତ୍ରା ସମୟରେ ଆଇନ ଶୃଙ୍ଖଳା, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ଭିତ୍ତିଭୂମି ଯାଞ୍ଚ, ସ୍ୱାସ୍ଥ୍ୟ ସୁବିଧା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା ।

# ଖଣି ଉତ୍ତୋଳନ ମାମଲା

ସୁନ୍ଦରଗଡ ଜିଲ୍ଲାର ହେମଗିରି ଓ କୋଇଡା ତହସିଲରେ ବେଆଇନ ଖଣି ଉତ୍ତୋଳନ ମାମଲାର ଭିଜିଲାନ୍ସ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ଭିଜିଲାନ୍ସ ପକ୍ଷରୁ ଏକ ଏସ.ଆଇ.ଟି ଗଠନ କରାଯାଇଛି । ପୂର୍ବରୁ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଖଣି ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ଅନୁଧ୍ୟାନ କରିଥିଲେ । ଏହା ପରେ ମୁଖ୍ୟମନ୍ତ୍ରୀଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ ।

# ରତ୍ନଭଣ୍ଡାର

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏ.ଏସ.ଆଇ.ର ମହାନିର୍ଦ୍ଦେଶକ ଯଦୁବୀର ସିଂ ରାୱତ ପୁରୀରେ ଶ୍ରୀମନ୍ଦିର ରତ୍ନଭଣ୍ଡାର  ମରାମତି କାର୍ଯ୍ୟର

ସମୀକ୍ଷା କରିଛନ୍ତି । ବୈଠକ ପରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆସନ୍ତା ୭ରୁ ୮ଦିନ ମଧ୍ୟରେ ଶେଷ ହେବ ବୋଲି ଶ୍ରୀ ରାଓ୍ୱତ ସୂଚନା ଦେଇଛନ୍ତି ।

# ସଚେତନତା କାର୍ଯ୍ୟକ୍ରମ

ରାଜ୍ୟରେ ଆସନ୍ତା ୩୧ତାରିଖରୁ ଜୁନ ୨୬ତାରିଖ ପର୍ଯ୍ୟନ୍ତ ବେଆଇନ ମାଦକ ଦ୍ରବ ସେବନ ଓ କାରବାର ରୋକିବା ଦିଗରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ଭୁବନେଶ୍ୱର ଖାରବେଳ ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଏ ସମ୍ପର୍କରେ ସମୀକ୍ଷା କରି ମନ୍ତ୍ରୀ କହିଛନ୍ତି, ବିଦ୍ୟାଳୟସ୍ତରରୁ ଆରମ୍ଭ କରି ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏ ନେଇ ପାଲା, ଦାସକାଠିଆ, ପଥପ୍ରାନ୍ତ ନାଟକ ଆଦି ଜରିଆରେ ସବୁବର୍ଗଙ୍କୁ ସଚେନତ କରାଇବା ପାଇଁ ସମସ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି ।

# ଶିଳ୍ପମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପାରାଦ୍ୱୀପରେ ନାଫ୍‌ଥା କ୍ରାକର ପ୍ଲାଣ୍ଟ ଏବଂ ଭଦ୍ରକରେ ୟାର୍ନ ଉତ୍ପାଦନ ପ୍ରକଳ୍ପର ତ୍ୱରିତ କାର୍ଯ୍ୟାନ୍ୱୟନ ସମ୍ପର୍କୀତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ମନ୍ତ୍ରୀ ଏହି ପ୍ରକଳ୍ପଗୁଡିକ ପାଇଁ  ଜମି ଅଧିଗ୍ରହଣ

ସମସ୍ୟାର ଶୀଘ୍ର ସମାଧାନ ଆଦି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ନିର୍ବାଚନ ମଣ୍ଡଳୀ ବୈଠକ

ଭଦ୍ରକ ଜିଲ୍ଲା  ବାସୁଦେବପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିକାଶ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଧାୟକ ଅଶୋକ ଦାସ ନିର୍ବାଚନ ମଣ୍ଡଳୀରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଥିଲେ ।

## ଯୁକ୍ତଦୁଇ ନାମଲେଖା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ନାମଲେଖା ପାଇଁ ଆଜିଠାରୁ ଆବେଦନ ଆରମ୍ଭ ହେଉଛି । ଛାତ୍ରଛାତ୍ରୀ **www.samsodisha.gov.in** ପୋର୍ଟାଲରେ ଆବେଦନ କରିପାରିବେ । ଯୁକ୍ତଦୁଇ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷା ଓ ସଂସ୍କୃତରେ ନାମଲେଖା ପାଇଁ ଆଜି ଅପରାହ୍ନ ୨ଟାରୁ ଆବେଦନ ଆରମ୍ଭ ହୋଇ ଆସନ୍ତା ମାସ ଜୁନ ୩୦ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଖେଲୋ ଇଣ୍ଡିଆ

ଡାମନ-ଡିଉଠାରେ ଅନୁଷ୍ଠିତ ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡିଶା ସ୍ୱର୍ଣ୍ଣପଦକ ହାସଲ କରିଛି। ଓଡିଶା ଦଳ ଗୁଜରାଟକୁ ୩-୨ଗୋଲରେ ପରାସ୍ତ କରି ବିଜେତା ହୋଇଛି ।

## ସ୍କିଜୋଫ୍ରେନିଆ ଦିବସ

ମାନସିକ ରୋଗୀଙ୍କ ନିମନ୍ତେ ସାମାଜିକ, ସ୍ନେହ, କରୁଣା ଜାଗ୍ରତ କରିବା ସହିତ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ସ୍କିଜୋଫ୍ରେନିଆ ଦିବସ ପାଳନ କରାଯାଉଛି। ପ୍ରତିବର୍ଷ ମଇ ୨୪ ତାରିଖକୁ ଏହି ଦିବସ ଭାବେ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସର ବାର୍ତ୍ତା ହେଉଛି, 'ଧାରଣାର ପୁର୍ନବିଚାର କରନ୍ତୁ, କାହାଣୀକୁ ବଦଳାଇ ଦିଅନ୍ତୁ ।' ସ୍କିଜୋଫ୍ରେନିଆ ହେଉଛି ଏକ ମାନସିକ ସମସ୍ୟା। ଏହା ମଣିଷର ଭାବନା, ଆବେଗ, ବ୍ୟବହାର ଏବଂ କାର୍ଯ୍ୟଦକ୍ଷତାକୁ ବିଶେଷ ଭାବେ ପ୍ରଭାବିତ କରିଥାଏ।